# NATIONAL NEWS BULLETIN (ODIA)
## 16 June - 2024
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ସଂସଦ ଭବନ ପରିସରରେ ନିର୍ମିତ ପ୍ରେରଣାସ୍ଥଳୀକୁ ଆଜି ଉଦ୍‌ଘାଟନ କରିବେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼
- ଆସନ୍ତା ୧୮ ତାରିଖରେ ପ୍ରଦାନ କରାଯିବ ପିଏମ୍ କିଶାନ ସମ୍ମାନନିଧି ଯୋଜନାର ପରବର୍ତ୍ତୀ କିସ୍ତି
- ଓଡ଼ିଶାର ନବଗଠିତ ସରକାରରେ ମନ୍ତ୍ରୀମାନଙ୍କୁ ବିଭାଗ ଆବଣ୍ଟନ କଲେ ମୁଖ୍ୟମନ୍ତ୍ରୀ
- ନୂଆ ଫୌଜଦାରୀ ଆଇନକୁ ନେଇ କୋଲକାତାରେ ଆୟୋଜିତ ହେବ ସ୍ୱତନ୍ତ୍ର ସମ୍ମିଳନୀ

ଏବଂ

- ଆଇସିସି ଟି-ଟ୍ୱେଣ୍ଟି କ୍ରିକେଟ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଓ ସ୍କଟଲାଣ୍ଡ ମଧ୍ୟରେ ମୁକାବିଲା ଜାରି; ରାତି ୮ଟାରେ ମୁହାଁମୁହିଁ ହେବେ ପାକିସ୍ତାନ ଓ ଆୟରଲାଣ୍ଡ

## ଭିପି- ପ୍ରେରଣାସ୍ଥଳ

ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ସଂସଦ ଭବନ ପରିସରରେ ନୂତନ ଭାବେ ନିର୍ମିତ ପ୍ରେରଣାସ୍ଥଳୀକୁ ଆଜି ଉଦ୍‌ଘାଟନ କରିବେ। ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରିଣ ରିଜିଜୁ ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ। ସମାରୋହରେ ଯୋଗଦେବା ନିମନ୍ତେ ରାଜ୍ୟସଭା ଏବଂ ଲୋକସଭାର ସମସ୍ତ ସଦସ୍ୟମାନଙ୍କୁ ଆମନ୍ତ୍ରଣ କରାଯାଇଛି। ଏହି ପ୍ରେରଣାସ୍ଥଳ ନିର୍ମାଣର ଉଦ୍ଦେଶ୍ୟ ହେଉଛି, ସଂସଦ ଭବନ ପରିସରରେ ଗୋଟିଏ ସ୍ଥାନରେ ଦେଶର ସମସ୍ତ ବରପୁତ୍ର ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଦେଖିବା ସହ ସେମାନଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିହେବ। ବରପୁତ୍ରମାନଙ୍କର ଜୀବନାଦର୍ଶ ସମ୍ପର୍କରେ ଜାଣିବା ନିମନ୍ତେ ନୂତନ ବୈଷୟିକ ଜ୍ଞାନ ପ୍ରୟୋଗ ହେତୁ ଏହା ଦର୍ଶକମାନଙ୍କୁ ଯଥେଷ୍ଟ ପ୍ରେରଣା ଯୋଗାଇବ ବୋଲି କୁହାଯାଇଛି।

## ଏଗ୍ରି-ଶିବରାଜ

ପ୍ରଧାନମନ୍ତ୍ରୀ କିଶାନ ସମ୍ମାନନିଧି ଯୋଜନାର ପରବର୍ତ୍ତୀ କିସ୍ତି ଆସନ୍ତା ୧୮ ତାରିଖ ଦିନ ଦେଶର ୯ କୋଟି ୩ ଲକ୍ଷ କୃଷକଙ୍କୁ ପ୍ରଦାନ କରାଯିବ। ଏ ସମ୍ପର୍କରେ ସୂଚନା ପ୍ରଦାନ କରି ଗ୍ରାମ୍ୟ ଉନ୍ନୟନ, କୃଷି ଓ

କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ କହିଛନ୍ତି, ଏହି ଯୋଜନାରେ ୨୦ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ କୃଷକମାନନଙ୍କ ଆକାଉଣ୍ଟକୁ ପଠାଯିବ। ଗତକାଲି ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଶ୍ରୀ ଚୌହ୍ୱାନ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଏହି ଯୋଜନାରେ ୧୧ କୋଟି କୃଷକମାନଙ୍କ ଜମାଖାତାକୁ ୩ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି।

ଶ୍ରୀ ଚୌହ୍ୱାନ ଏ ସମ୍ପର୍କରେ ଆସନ୍ତା ମଙ୍ଗଳବାର ଦିନ ହେବାକୁ ଥିବା ପ୍ରଧାନମନ୍ତ୍ରୀଙ୍କ ବୈଠକରେ ଯୋଗଦେବାକୁ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଚିଠି ଲେଖିଛନ୍ତି। ସେ କାର୍ଯ୍ୟଭାର ଗ୍ରହଣ କରିବା ପରେ ବିଭାଗରେ ସମସ୍ତ ପଦାଧିକାରୀଙ୍କ ସହ କୃଷକ କଲ୍ୟାଣ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ତାଙ୍କ ବିଭାଗରେ ଥିବା ୧୦୦ ଦିନର କାର୍ଯ୍ୟଖସଡ଼ା ସମ୍ପର୍କରେ ସେ ସମୀକ୍ଷା କରିଛନ୍ତି।

# ଏଚ୍‌ଏମ୍- ହାଇ ଲେବଲ ମିଟିଂ

ଜାମ୍ମୁ-କାଶ୍ମୀରରେ ସୁରକ୍ଷା ବ୍ୟବସ୍ଥା ଏବଂ ଅମରାନାଥ ଯାତ୍ରା ପ୍ରସ୍ତୁତି ନେଇ ଆଜି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ଜାମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, କେନ୍ଦ୍ର ଗୃହ ସଚିବ, ସେନାର ବରିଷ୍ଠ ଅଧିକାରୀ, ପୁଲିସ, ଜାମ୍ମୁ-କାଶ୍ମୀର ପ୍ରଶାସନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ଗତ ଶୁକ୍ରବାର ଦିନ

ନୂଆଦିଲ୍ଲୀରେ ଶ୍ରୀ ଶାହା ବରିଷ୍ଠ ଅଧିକାରୀମାନଙ୍କ ସହ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ।

## ଏମ୍‌ଆଇଏଫ୍‌ଏଫ୍

ଅଷ୍ଟାଦଶ ମୁମ୍ବାଇ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ସୂଚନା ଏବଂ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍.ମୁରୁଗନ୍, ମହାରାଷ୍ଟ୍ରର ସଂସ୍କୃତି ମନ୍ତ୍ରୀ ସୁଧିର ମୁଙ୍ଗାନାତିୱାର, ଚଳଚ୍ଚିତ୍ର ଅଭିନେତା ରଣଦୀପ ହୁଡା, ଅଭିଷେକ ବାନାର୍ଜୀ, ଦିବ୍ୟା ଦତ୍ତା, ମଧୁର ଭଣ୍ଡାରକର ଏବଂ ଆଦିଲ୍ ହୁସେନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଡକ୍ଟର ଏଲ୍.ମୁରୁଗନ୍ ଉଦ୍‌ଘାଟନୀ କରି କହିଛନ୍ତି, ଆନିମେସନ, ଭିଜୁଆଲ ଇଫେକ୍ଟ, ଗେମିଂ ଏବଂ କମିକ୍ସ କ୍ଷେତ୍ରରେ ରୋଜଗାରର ସମ୍ଭାବନା ଅଧିକ ଥିବାରୁ ଆଗାମୀ ଦିନରେ ମୁମ୍ବାଇରେ ଏକ ଉତ୍କୃଷ୍ଟ କେନ୍ଦ୍ର ସ୍ଥାପନ କରାଯିବ। ସେ କହିଛନ୍ତି, ସିନେମାଟୋଗ୍ରାଫି ଅଧିନିୟମ କାର୍ଯ୍ୟକାରୀ ହେବା ଯୋଗୁଁ ଚଳଚ୍ଚିତ୍ର ଗୁଡ଼ିକର ନକଲ କରିବା ବହୁମାତ୍ରାରେ ନିୟନ୍ତ୍ରଣ ହୋଇପାରିଛି।

ଉଦ୍‌ଘାଟନ ସମାରୋହରେ ଭାରତୀୟ ଚଳଚ୍ଚିତ୍ର ଏବଂ ଟେଲିଭିଜନ ପ୍ରତିଷ୍ଠାନର ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ପ୍ରସ୍ତୁତ କ୍ଷୁଦ୍ର ଚଳଚ୍ଚିତ୍ର ‘sunflowers were the first ones to know’ ପ୍ରଦର୍ଶିତ ହୋଇଥିଲା। ଏହି ଚଳଚ୍ଚିତ୍ର ୭୭ତମ କାନ୍ସ ଚଳଚ୍ଚିତ୍ର ମହୋତ୍ସବରେ ‘ଲା’ ସାଇନେ ପୁରସ୍କାର

ଜିତିଥିଲା। ଏହି ଉତ୍ସବରେ ବନ୍ୟଜୀବ ଚଳଚ୍ଚିତ୍ର ନିର୍ମାତା ସୁବେୟା ନଲାମୁଥୁ କୋ ବି ଶାନ୍ତାରାମଙ୍କୁ ଜୀବନବ୍ୟାପୀ ସାଧନା ନିମନ୍ତେ ପୁରସ୍କାର ପ୍ରଦାନ କରାଯାଇଛି।

## ରେଲୱେ- ଲିମ୍କା ବୁକ୍

ଭାରତୀୟ ରେଳବାଇ ଏକାଧିକ ସ୍ଥାନରେ ଜନସେବା କାର୍ଯ୍ୟକ୍ରମ ନିମନ୍ତେ 'ଲିମ୍କା ବୁକ୍ ଅଫ୍ ରେକର୍ଡସ'ରେ ନିଜ ନାମକୁ ଯୋଡ଼ି ପାରିଛି। ରେଳ ମନ୍ତ୍ରଣାଳୟ ଚଳିତ ବର୍ଷ ଫେବ୍ରୁଆରି ୨୬ ରେ ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିଲା, ଯେଉଁଥିରେ ଦୁଇ ହଜାରରୁ ଅଧିକ ସ୍ଥାନରେ ୪୦ ଲକ୍ଷ ୧୯ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରେଳ ପୋଲ ଉପରେ ନିର୍ମିତ ସଡ଼କ ଉଦଘାଟନ ଏବଂ ରେଳ ଷ୍ଟେସନର ଶିଳାନ୍ୟାସ ପାଇଁ ମଧ୍ୟ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ ।

## ଓଡ଼ିଶା ମନ୍ତ୍ରିମଣ୍ଡଳ ବିଭାଗ ବଣ୍ଟନ

ଓଡ଼ିଶାର ନବଗଠିତ ବିଜେପି ସରକାରର ମନ୍ତ୍ରୀମାନଙ୍କୁ ବିଭାଗ ବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ନିଜ ପାଖରେ ଗୃହ, ସାଧାରଣ ପ୍ରଶାସନ, ସୂଚନା ଓ ଲୋକସମ୍ପର୍କ ଜଳ ସମ୍ପଦ ଏବଂ ଯୋଜନା ଓ ସଂଯୋଜନ ବିଭାଗ ରଖିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କୁ କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ବିଭାଗ

ଦିଆଯାଇଥିବାବେଳେ ପ୍ରଭାତି ପରିଡ଼ାଙ୍କୁ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗ ଦିଆଯାଇଛି। ସେହିପରି ସୁରେଶ ପୂଜାରୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ରବି ନାୟକଙ୍କୁ ପଞ୍ଚାୟତିରାଜ, ନିତ୍ୟାନନ୍ଦ ଗଣ୍ଡଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା, ସୂର୍ଯ୍ୟବଂଶୀ ସୁରଜଙ୍କୁ ଉଚ୍ଚଶିକ୍ଷା ବିଭାଗ ଆବଣ୍ଟନ କରାଯାଇଛି। ମନ୍ତ୍ରିମଣ୍ଡଳର ୧୩ ଜଣ ମନ୍ତ୍ରୀଙ୍କୁ ବିଭାଗ ବଣ୍ଟନ କରାଯାଇଛି। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ ଏବଂ ୧୩ ଜଣ ମନ୍ତ୍ରୀଙ୍କ ଶପଥ ଗ୍ରହଣ କରିଥିଲେ।

## ଗଭ୍-ଥ୍ରି ଲ'

ଦେଶରେ ଜୁଲାଇ ୧ରୁ ଲାଗୁ ହେବାକୁ ଯାଉଥିବା ନୂଆ ଫୌଜଦାରୀ ଆଇନକୁ ନେଇ ସରକାରୀ ସ୍ତରରେ ବିଭିନ୍ନ ସ୍ଥାନରେ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କ୍ରମରେ ଆଜି କୋଲକତାରେ ଏକ ସମ୍ମିଳନୀରେ ଆୟୋଜିତ ହେବ। ଏହାର ଉଦ୍ଦେଶ୍ୟ ରହିଛି, ଫୌଜଦାରୀ ନ୍ୟାୟ ବ୍ୟବସ୍ଥାର କାର୍ଯ୍ୟକାରିତା କ୍ଷେତ୍ରରେ ଭାରତର ପ୍ରଗତି। ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି, ତିନୋଟି ନୂଆ ଫୌଜଦାରୀ ଆଇନର ମୁଖ୍ୟ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ଲୋକଙ୍କୁ ସୂଚନା ପ୍ରଦାନ କରିବା। ଗତ ବର୍ଷ ଭାରତୀୟ ନ୍ୟାୟସଂହିତା, ନାଗରିକ ସୁରକ୍ଷା ସଂହିତା ଏବଂ ସାକ୍ଷ୍ୟ ଅଧିନିୟମରେ ପରିବର୍ତ୍ତନ କରାଯାଇଥିଲା। ନ୍ୟାୟ

ମନ୍ତ୍ରଣାଳୟ ଅନୁଯାୟୀ, ଏହିଭଳି ସମ୍ମିଳନୀ ପୂର୍ବରୁ ଦିଲ୍ଲୀ ଏବଂ ଗୌହାଟୀରେ ପୂର୍ବରୁ ଆୟୋଜିତ ହୋଇଛି।

## ଆସାମ ସିଏମ୍- କାଜିରଙ୍ଗା

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କାଜିରଙ୍ଗା ଜାତୀୟ ଉଦ୍ୟାନରେ ଥିବା ପ୍ରାଣୀମାନଙ୍କର ବନ୍ୟା ସମୟରେ ସୁରକ୍ଷା ଓ ନିରାପତ୍ତା ନିମନ୍ତେ ପୁଲିସ ପ୍ରଶାସନ ଏବଂ ନାଗରିକମାନଙ୍କ ସହ ଏକ ବୈଠକ କରିଛନ୍ତି। ଏହି ଅବସରରେ ଶ୍ରୀ ଶର୍ମା କହିଛନ୍ତି, କାଜିରଙ୍ଗା ଜାତୀୟ ଉଦ୍ୟାନରେ ଥିବା ପ୍ରାଣୀମାନଙ୍କର ସୁରକ୍ଷା ନିମନ୍ତେ ଏକ ନୂଆ କମାଣ୍ଡୋ ବାଟାଲିୟନକୁ ନିୟୋଜିତ କରାଯାଇଛି। ଏହାଛଡ଼ା ବନ୍ୟା ସମୟରେ ପ୍ରାଣୀମାନଙ୍କର ସେବା ଓ ନିରାପତ୍ତା ନିମନ୍ତେ ୬୦୦ ବନ୍ୟ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି।

ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୁଖ୍ୟତଃ ବନ୍ୟା ଓ ଆନୁଷଙ୍ଗିକ କାରଣରୁ କାଜିରଙ୍ଗା ଜାତୀୟ ଉଦ୍ୟାନର ଜମି କ୍ଷୟକ୍ଷତିର ସମୀକ୍ଷା କରିଥିଲେ। ଏଥିରେ ଜାତୀୟ ଉଦ୍ୟାନର ଜମିର ଏକ ବଡ଼ ଅଂଶ ନଷ୍ଟ ହୋଇଥିବା ସେ କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଘଟଣାର ଅନୁଧ୍ୟାନ ଓ ପ୍ରତିକାର ମୂଳକ ପଦକ୍ଷେପ ପାଇଁ ସେ ଏକ ଯୁଗ୍ମ ଟାସ୍କଫୋର୍ସ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଟିମ୍ ୪୫ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ।

## ଜେପି ନଡ୍ଡା

କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରଧାନମନ୍ତ୍ରୀଙ୍କ ୨୦୪୭ ମସିହା ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିରେ ସରକାରଙ୍କ ୫ ବର୍ଷିଆ କାର୍ଯ୍ୟକ୍ରମ ଏବଂ ୧୦୦ ଦିନର କାର୍ଯ୍ୟଖସଡ଼ା ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା । ବୈଠକରେ ଦେଶରେ ଔଷଧ ସୁରକ୍ଷା, ଚିକିତ୍ସା ଯନ୍ତ୍ରାଂଶ କ୍ଷେତ୍ରରେ ଆତ୍ମନିର୍ଭରତା, ଜନଔଷଧୀ ଯୋଜନା ଗୁଡ଼ିକର ବ୍ୟାପକତା, ନାଗରିକମାନଙ୍କୁ ସୁଲଭ ଦରରେ ଔଷଧ ଯୋଗାଣ ଏବଂ ଚିକିତ୍ସା ପ୍ରଦାନ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆସନ୍ତା ୩ ବର୍ଷ ମଧ୍ୟରେ ସମସ୍ତ ଔଷଧ ଏବଂ ଚିକିତ୍ସା ଯନ୍ତ୍ରାଂଶ ଉତ୍ପାଦନକାରୀ କାରଖାନା ଗୁଡ଼ିକୁ ବିଶ୍ୱଶ୍ରେଣୀୟ କରିବା ଉପରେ ଶ୍ରୀ ନଡ୍ଡା ଗୁରୁତ୍ୱ ପ୍ରଦାନ କରିଥିଲେ ।

## ଆଇଏମ୍‌ଡି ଓ୍ୱେଦର

ଭାରତୀୟ ପାଣିପାଗ ବିଭାଗ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉତ୍ତର-ପଶ୍ଚିମ, କେନ୍ଦ୍ରୀୟ ଓ ପୂର୍ବ ଭାରତର କେତେକ ଅଞ୍ଚଳ ପାଇଁ ସତର୍କତା ଜାରି କରିଛି । ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ବିହାର ଓ ଝାଡ଼ଖଣ୍ଡର କେତେକ ସ୍ଥାନରେ

ଗ୍ରୀଷ୍ମ ପ୍ରବାହ ଲାଗି ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଚଳିତ ମାସ ୧୮ ତାରିଖ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଉତ୍ତରାଖଣ୍ଡରେ ସମାନ ସ୍ଥିତି ରହିବ। ଦେଶର ବାକି ଅଞ୍ଚଳରେ ସର୍ବୋଚ୍ଚ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି।

ଅନ୍ୟପକ୍ଷରେ ଆସନ୍ତା ୬ ଦିନ ଯାଏଁ ଉତ୍ତର-ପୂର୍ବ ଭାରତ ଓ ପଶ୍ଚିମବଙ୍ଗରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି । ଆସନ୍ତା ୪ ଦିନ ମଧ୍ୟରେ ଗୋଆ ଓ ମହାରାଷ୍ଟ୍ରରେ ଘଣ୍ଟାପ୍ରତି ୪୦ କିଲୋମିଟର ବେଗରେ ପବନ ବହିବା ସହ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବ। ଦକ୍ଷିଣ ଭାରତର କର୍ଣ୍ଣାଟକ, କେରଳ, ଲାକ୍ଷାଦ୍ୱୀପ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ତାମିଲନାଡୁ, ପୁଡୁଚେରୀ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଏହିଭଳି ପାଗ ଜାରି ରହିବ।

# ଆଇସିସି ଟି-୨୦ କ୍ରିକେଟ ବିଶ୍ୱକପ୍

ଆଇସିସି ଟି-ଟ୍ୱେଣ୍ଟି କ୍ରିକେଟ ବିଶ୍ୱକପ୍‌ରେ ଆଜି ଅଷ୍ଟ୍ରେଲିଆ ଏବଂ ସ୍କଟ୍‌ଲାଣ୍ଡ ମଧ୍ୟରେ ମୁକାବିଲା ହେଉଛି। ଭାରତୀୟ ସମୟ ସକାଳ ୬ଟାରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରଥମେ ଟସ୍ ଜିତି ଅଷ୍ଟ୍ରେଲିଆ

ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇଛି । ବର୍ତ୍ତମାନ ସୁଦ୍ଧା ସ୍କଟଲାଣ୍ଡ ୧୯ ଓଭରରେ ୫ଟି ଓ୍ୱିକେଟ୍ ହରାଇ ୧୬୭ ରନ୍ କରିଛି ।

ଆଜି ରାତି ୮ଟାରେ ଅନ୍ୟ ଏକ ମ୍ୟାଚ୍‌ରେ ପାକିସ୍ତାନ ଓ ଆୟରଲାଣ୍ଡ ମୁହାଁମୁହିଁ ହେବେ । ଗତକାଲି ଇଂଲଣ୍ଡ ୪୧ ରନ୍‌ରେ ଡକ୍‌ଓ୍ୱର୍ଥ ଲୁଇସ୍ ନିୟମରେ ନାମ୍ବିଆକୁ ପରାସ୍ତ କରିଛି । ଇଂଲଣ୍ଡର ୧୨୬ ରନ୍ ଜବାବରେ ନାମ୍ବିଆ ୮୪ ରନ୍ ସ୍କୋର କରିବାକୁ ସମର୍ଥ ହୋଇଥିଲା ।